# NATIONAL NEWS BULLETIN (ODIA)

## 4 October - 2023

## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ଦେଶର ପ୍ରତ୍ୟେକ ରାଜ୍ୟ, ଜିଲ୍ଲା ଏବଂ ପ୍ରତ୍ୟେକ ଗାଁ ବିକଶିତ ହେବ ।
- ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ୫୦ଲକ୍ଷରୁ ଅଧିକ ରାସ୍ତାକଡ଼ ଉଠା ଦୋକାନୀଙ୍କୁ ସହାୟତା ପ୍ରଦାନ କରାଯାଇଛି ।
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଦେଶବ୍ୟାପି ୬୪ ହଜାରରୁ ଅଧିକ ଲୋକ ଅଙ୍ଗଦାନ ପାଇଁ ଶପଥ ନେଇଛନ୍ତି ।
- କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର କହିଛନ୍ତି, ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଯୋଗୁଁ ୧୮ କୋଟି ୫୦ଲକ୍ଷ ଗରିବ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି ।

ଏବଂ

- ଏସୀୟ କ୍ରୀଡ଼ାର ଦଶମ ଦିନ ସୁଦ୍ଧା ଭାରତର ପଦକ ସଂଖ୍ୟା ୬୯କୁ ବୃଦ୍ଧି ପାଇଛି ।

# ପିଏମ୍-ଡେଭଲପ୍‌ମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ପ୍ରତ୍ୟେକ ରାଜ୍ୟ, ପ୍ରତ୍ୟେକ ଜିଲ୍ଲା ଏବଂ ଦେଶର ପ୍ରତ୍ୟେକ ଗାଁ ବିକଶିତ ହେବ । ପ୍ରଧାନମନ୍ତ୍ରୀ ଛତିଶଗଡ଼ର ଆଦିବାସୀ ବହୁଳ ବସ୍ତର ଡିଭିଜନ୍ ମୁଖ୍ୟାଳୟ ଜଗଦଲପୁରରେ ଗତକାଲି ୨୭ ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଦେଶର ସଂଶାଧନ ଉପରେ ଗରିବ ଲୋକମାନଙ୍କର ସର୍ବପ୍ରଥମ ଅଧିକାର ରହିଛି । ଜାତି ଓ ଶ୍ରେଣୀ ନିର୍ବିଶେଷରେ ତାଙ୍କ ସରକାର ଗରିବ କଲ୍ୟାଣ ପାଇଁ ଅହରହ ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କଂଗ୍ରେସ ଦଳ ଜାତି ଆଧାରରେ ଦେଶକୁ ଭାଗ ଭାଗ କରିବା ପାଇଁ ପ୍ରୟାସ ଚଳାଇଛି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ଅଭିଯୋଗ କରିଛନ୍ତି ।

ପ୍ରଧାନମନ୍ତ୍ରୀ ବସ୍ତରର ନଗରନାର୍ ଠାରେ ସ୍ଥାପିତ NMDC ଇସ୍ପାତ କାରଖାନାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ୨୪ ହଜାର କୋଟି ଟଙ୍କା ମୂଲ୍ୟରେ ନିର୍ମିତ ସେହି ଇସ୍ପାତ କାରଖାନାରୁ ଉନ୍ନତମାନର ଇସ୍ପାତ ଉତ୍ପାଦିତ ହେବ । ସେହି କାରଖାନା ହଜାର ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ ।

ଜଗଦଲପୁରକୁ ତାଙ୍କର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଜଗଦଲପୁର ରେଳ ଷ୍ଟେସନର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଅନ୍ତାଗଡ଼ ଏବଂ ତାରୋକି ମଧ୍ୟରେ ନୂଆ ରେଳ ଲାଇନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହା ବ୍ୟତୀତ ଜଗଦଲପୁର ଓ ଦାନ୍ତେୱାଡ଼ା ମଧ୍ୟରେ ରେଳ ଲାଇନ୍‌ର ଦୋହରୀକରଣକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଶ୍ରୀ ମୋଦୀ ତାରୋକି ଓ ରାୟପୁର ମଧ୍ୟରେ ରେଳସେବାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହିସବୁ ପ୍ରକଳ୍ପ ଗୁଡ଼ିକ ଆଦିବାସୀ ବହୁଳ ଇଲାକାରେ ରେଳ ଯୋଗାଯୋଗ ବୃଦ୍ଧି କରିବା ସହ ସେହି ଅଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ପଥ ଉନ୍ମୁକ୍ତ କରିବ ।

ପ୍ରଧାନମନ୍ତ୍ରୀ କୁଙ୍କୁରୀ ଓ ଛତିଶଗଡ଼-ଝାଡ଼ଖଣ୍ଡ ସୀମା ମଧ୍ୟରେ ୪୫ ନମ୍ବର ଜାତୀୟ ରାଜପଥରେ ନିର୍ମିତ ନୂଆ ସଡ଼କୁ ମଧ୍ୟ ଉତ୍ସର୍ଗ କରିଛନ୍ତି ।

# ପିଏମ୍-ତେଲଙ୍ଗାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେଲଙ୍ଗାନାର ନିଜାମାବାଦ୍‌ରେ ୮ ହଜାର କୋଟି ଟଙ୍କା ବହୁମୁଖୀ ବିକାଶ ମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ମନୋହରାବାଦ୍ ଏବଂ ସିଦ୍ଦିପେଟ୍ ମଧରେ ନୂତନ ରେଳ ଲାଇନ୍‌କୁ ଉତ୍ସର୍ଗ

କରିବା ସହ ଧର୍ମାବାଦ୍-ମନୋହରାବାଦ୍ ଏବଂ ମହବୁବ୍ ନଗର-କୁର୍ଣ୍ଣୁଲୁ ରେଲ ଲାଇନ୍‌ର ବିଦ୍ୟୁତ୍ କରଣକୁ ଉଦ୍‌ଘାଟନ କରିଛନ୍ତି ।

ସେହିପରି ଏନ୍.ଟି.ପି.ସି. ରାମାଗୁଣ୍ଡମ୍ ତେଲଙ୍ଗାନା ସୁପର ଥର୍ମାଲ୍ ଶକ୍ତି ପ୍ରକଳ୍ପର ୮୦୦ ମେଗାୱାଟ୍ ୟୁନିଟ୍ ପ୍ରଥମ ପର୍ଯ୍ୟାୟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ପ୍ରକଳ୍ପରୁ ଉତ୍ପାଦିତ ୮୫ ପ୍ରତିଶତ ବିଦ୍ୟୁତ୍ ଶକ୍ତି ରାଜ୍ୟରେ ବ୍ୟବହାର ହେବ ଏବଂ ବଳକା ବିଦ୍ୟୁତ୍ ଉତ୍ତର-ଦକ୍ଷିଣ ଗ୍ରୀଡ୍‌କୁ ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ୍ ଅଧୀନରେ ୨୦ଟି ଜିଲ୍ଲା ମୁଖ୍ୟାଳୟରେ ୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର୍ ବ୍ଲକ୍‌ର ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ପେଡାପାଲି ପ୍ରକଳ୍ପ ହେଉଛି ଦେଶର ଅତ୍ୟାଧୁନିକ ଶକ୍ତି ପ୍ରକଳ୍ପ ଏବଂ ଖୁବ୍ ଶୀଘ୍ର ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ । କୌଣସି ଦେଶ ଅବା ରାଜ୍ୟର ବିକାଶ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଉପରେ ନିର୍ଭର କରେ । କାରଣ ଏହା ବ୍ୟବସାୟ ସୁଗମତା ଓ ଜୀବନଧାରଣ ମାନକୁ ସୁଗମତା କ୍ଷେତ୍ରରେ ଉନ୍ନତି ଆଣିଥାଏ । ତେଲଙ୍ଗାନାର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

## ପିଏମ୍‌-ସ୍ୱନିଧି

ପି.ଏମ୍‌. ସ୍ୱନିଧି ଯୋଜନାରେ ୫୦ଲକ୍ଷରୁ ଅଧିକ ରାସ୍ତାକଡ଼ ବୁଲାବିକାଳି ତଥା ଉଠା ଦୋକାନୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସାରା ଦେଶରେ ସହରାଞ୍ଚଳରେ ରାସ୍ତାକଡ଼ର ବୁଲାବିକାଳି, ଉଠା ଦୋକାନୀ ଓ ଠେଲା ଲଗାଇ ଛୋଟ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ଜୁଲାଇ ମାସ ୧ ତାରିଖରୁ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୫୦ଲକ୍ଷ ଉଠା ଦୋକାନୀଙ୍କୁ ସହାୟତା ପ୍ରଦାନ କରି ମନ୍ତ୍ରଣାଳୟ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିନା ଗ୍ୟାରେଣ୍ଟିରେ ସେମାନଙ୍କୁ ୫୦ ହଜାର ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଉଛି ।

ସୂଚନା ଯୋଗ୍ୟ ୨୦୨୦ ମସିହା ଜୁନ୍‌ ୧ ତାରିଖରେ ପି.ଏମ୍‌. ସ୍ୱନିଧି ଯୋଜନାର ଶୁଭାରମ୍ଭ କରାଯାଇଥିଲା ।

## ମାଣ୍ଡବ୍ୟ-ଆୟୁଷ୍ମାନ୍‌ ଭବ

ଦେଶ ବ୍ୟାପି ୬୪ ହଜାରରୁ ଅଧିକ ଲୋକ ଅଙ୍ଗଦାନ କରିବା ପାଇଁ ଶପଥ ନେଇଛନ୍ତି । ସାରା ଦେଶରେ ଗତ ମାସରେ ଆୟୋଜିତ

ହୋଇଥିବା ଆୟୁଷ୍ମାନ୍ ଭବ ଅଭିଯାନରେ ଲୋକମାନେ ଅଙ୍ଗଦାନ ସମ୍ପର୍କୀତ ଶପଥ ନେଇଛନ୍ତି । ଗତ ୧୭ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ସେବାପକ୍ଷ ପାଳନ ଅବସରରେ ଏହି ଅଭିଯାନ ଦେଶବ୍ୟାପି କାର୍ଯ୍ୟକାରୀ ହୋଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ମଧ୍ୟ ନିଜେ ଅଙ୍ଗଦାନ କରିବା ପାଇଁ ଏଥିରେ ଶପଥ କରିଛନ୍ତି ।

ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶର ସବୁ ବର୍ଗର ଲୋକ ଏହି ଅଭିଯାନରେ ସାମିଲ ହୋଇଥିବାରୁ ଏହାକୁ ବ୍ୟାପକ ସଫଳତା ମିଳିଛି । ଏହି ଅବସରରେ ପ୍ରାୟ ୨ଲକ୍ଷ ୭୦ ହଜାର ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇଥିଲା । ୧ କୋଟି ୬୧ ଲକ୍ଷରୁ ଅଧିକ ଲୋକ ଏହି ମେଳାକୁ ଯାଇ ସ୍ୱାସ୍ଥ୍ୟ ସୁବିଧା ନେଇଥିଲେ । ଏହି ଅଭିଯାନ ଅଧୀନରେ ୬୪ଲକ୍ଷ ଆୟୁଷ୍ମାନ୍ କାର୍ଡ୍ ଏବଂ ଏକ କୋଟିରୁ ଅଧିକ ଆଭା ପରିଚୟପତ୍ର ସୃଷ୍ଟି କରାଯାଇଥିବା ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଆୟୁଷ୍ମାନ୍ ଭବ ଅଭିଯାନ ଅଧୀନରେ ୧୪ ହଜାର ୧୫୭ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଯେଉଁଥିରେ ପ୍ରାୟ ୨ଲକ୍ଷ ୨୮ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ମେଳାରେ ୨୩ ଲକ୍ଷରୁ ଅଧିକ ରୋଗୀ ଓ.ପି.ଡି.ରେ ସ୍ୱାସ୍ଥ୍ୟ ପରାମର୍ଶ ନେବା ସହ ଛୋଟରୁ ବଡ଼ ଅସ୍ତ୍ରୋପ୍ରଚାର ମଧ୍ୟ କରାଯାଇଥିଲା । ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ

ସାରା ଦେଶରେ ଏକ ସାମାଗ୍ରୀକ ଆଭିମୁଖ୍ୟ ନେଇ ଏହି ଅଭିଯାନ ଚାଲିଥିଲା ।

## ଓଡ଼ିଶା-ଅନୁରାଗ ସିଂହ ଠାକୁର

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର କହିଛନ୍ତି, ବିଜେପି ନେତୃତ୍ୱାଧୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଗରିବ କଲ୍ୟାଣ ଓ ସାଧାରଣ ଜନତାଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି । ଦିନିକିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କଟକ-ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ଠାକୁର ଏହା କହିଛନ୍ତି । ସେ କହିଛନ୍ତି, ଗତ ୯ ବର୍ଷ ମଧ୍ୟରେ ୧୮ କୋଟି ୫୦ଲକ୍ଷ ଗରିବ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି । ଯାହା କେନ୍ଦ୍ର ସରକାରଙ୍କର ସବ୍ କା ସାଥ୍ ଓ ସବ୍ କା ବିକାଶ ଆଭିମୁଖ୍ୟକୁ ସ୍ୱଷ୍ଟ କରୁଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ କଲ୍ୟାଣ ପାଇଁ ସରକାର ଅନେକ ପଦକ୍ଷେପ ହାତକୁ ନେଉଥିବା ଶ୍ରୀ ଠାକୁର କହିଛନ୍ତି । ଭୁବନେଶ୍ୱରସ୍ଥ ଦଳୀୟ କାର୍ଯ୍ୟାଳୟରେ ଶ୍ରୀ ଠାକୁର ଗଣମାଧ୍ୟମ ସହ ଆଲୋଚନା ସମୟରେ କହିଛନ୍ତି, ୨୦୨୪ ନିର୍ବାଚନରେ ଓଡ଼ିଶାରେ ବିଜେପି ସମ୍ପୂର୍ଣ୍ଣ କ୍ଷମତାର ସହ ନିର୍ବାଚନ ଲଢ଼ିବ ଏବଂ ଉତ୍ସାହ ଜନକ ସଫଳତା ହାସଲ କରିବ । ବିଗତ ଦିନର ଉପାସରକାର ତୁଳନାରେ

ବର୍ତ୍ତମାନର ଏନ୍.ଡି.ଏ. ସରକାର ଏଗାର ଗୁଣରୁ ଅଧିକ ଅନୁଦାନ ଓଡ଼ିଶାକୁ ଯୋଗାଇ ଦେଇଛନ୍ତି ବୋଲି ସେ କହିଛନ୍ତି ।

# ହୋମ୍ ମିନିଷ୍ଟ୍ରି

କେନ୍ଦ୍ର ସରକାର ବେଆଇନ୍ କାର୍ଯ୍ୟକଳାପ ନିବାରଣ ଆଇନ୍ ଅଧୀନରେ ନ୍ୟାସନାଲ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ତ୍ରିପୁରା (**NLFT**) ଏବଂ ଅଲ୍ ତ୍ରିପୁରା ଟାଇଗର ଫୋର୍ସ୍ (**ATTF**) ଓ ତାଙ୍କର ଅନ୍ୟାନ୍ୟ ଶାଖାକୁ ବେଆଇନ୍ ସଂଗଠନ ଭାବେ ଘୋଷଣା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏମାନଙ୍କ ଉପରେ ୫ ବର୍ଷ ପାଇଁ କଟକଣା ଲାଗୁ କରାଯାଇଛି । ଦେଶର ଏକତା, ଅଖଣ୍ଡତା ଓ ଧର୍ମ ନିରପେକ୍ଷତା ପ୍ରତି **NLFT** ଏବଂ **ATTF** ଭଳି ବେଆଇନ୍ ସଂଗଠନ ବିପଦ ସୃଷ୍ଟି କରୁଛନ୍ତି ବୋଲି କୁହାଯାଇଛି । ନିଜର ଲକ୍ଷ୍ୟ ହାସଲ ପାଇଁ ଦେଶର ବିଭିନ୍ନ ଭାଗରେ ହିଂସା ଓ ଆତଙ୍କ ସୃଷ୍ଟି କରି ଏହି ସଂଗଠନ ହିଂସାତ୍ମକ କାର୍ଯ୍ୟକଳାପ ଜାରି ରଖିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଯଦିଓ ଏହି ସଂଗଠନର କାର୍ଯ୍ୟକଳାପକୁ ତତ୍କାଳ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ ତେବେ ସେମାନେ ବିଭିନ୍ନ କ୍ୟାଡର ଓ ସଂଗଠନ ସୃଷ୍ଟି କରି ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛନ୍ତି । ବିଭିନ୍ନ ବାହ୍ୟ ସଂଗଠନ ସହ ସଂପର୍କ ରଖି ସେମାନେ ଦେଶ ବିରୋଧୀ କାର୍ଯ୍ୟକଳାପ ଜାରି ରଖି ଦେଶର

ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ଏସୀୟ କ୍ରୀଡ଼ା

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୬୯କୁ ବୃଦ୍ଧି ପାଇଛି । ଗତକାଲି ଦଶମ ଦିନରେ ଭାରତ ଦୁଇଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଫଳରେ ଭାରତ ୧୫ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଓ ୨୮ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୬୯ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି ।

ଭାରତୀୟ ଆଥ୍‌ଲେଟ୍‌ମାନେ ପୁଣି ଥରେ ବିଶେଷ ସଫଳତା ହାସଲ କରିଛନ୍ତି । ଅନୁରାଣୀ ୬୨ ଦଶମିକ୍ ୯/୨ ମିଟର ଜାଭ୍‌ଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ପୁରୁଷ ବିଭାଗ ଡେକାଥେଲନ୍‌ରେ ତେଜସ୍ୱିନୀ ଶଙ୍କର ରୌପ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ଟ୍ରିପଲ୍ ଜମ୍ପରେ ଭାରତର ପ୍ରବୀନ୍ ଛେତ୍ରୋଭାଲ୍ ବ୍ରୋଞ୍ଜ ପଦକ ଜିତିଛନ୍ତି । ୮୦୦ ମିଟର ଦୌଡ଼ରେ ମହମ୍ମଦ ଆଫ୍‌ସଲ୍ ରୌପ୍ୟ ପଦକ ହାସଲ କରିଛନ୍ତି । ମହିଳା ୫ହଜାର ମିଟର ଦୌଡ଼ରେ ପାରୁଲ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ମହିଳା ୪୦୦ ମିଟର ହର୍ଡଲ୍ସରେ ବିଦ୍ୟା ରାମରାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମହିଳା ୫୪ କେ.ଜି. ବକ୍ସିଂରେ ପ୍ରୀତି ପାୱାର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ବିଭାଗ ନୌଚାଳନା

୧୦୦୦ ମିଟରରେ ଅର୍ଜୁନ୍ ସିଂହ ଓ ସୁନୀଲ ସିଂହ ସଲାମ ବ୍ରୋଞ୍ଜ ପଦକ ଜିତିଛନ୍ତି । ଏହା ନୌଚାଳନାରେ ଭାରତର ଦ୍ୱିତୀୟ ପଦକ ।

ଅନ୍ୟ ପକ୍ଷରେ ତୀରନ୍ଦାଜରେ ଭାରତ ଦୁଇଟି ପଦକ ସୁନିଶ୍ଚିତ କରିଛି । ଆସନ୍ତା ୭ ତାରିଖରେ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହେବ ।